# ବ୍ୟବସାୟିକ ଗଣିତ
## (COMMERCIAL ARITHMETIC)

### 6.1. ବ୍ୟାଙ୍କ କାରବାର (Banking) :

ସହରରେ ପଢୁଥିବା ପିଲାମାନେ ନିଶ୍ଚୟ ଯେ କୌଣସି ବ୍ୟାଙ୍କ ଶାଖାକୁ ଯାଇଥିବେ। କାରଣ ବ୍ୟାଙ୍କ ଜରିଆରେ ସେମାନେ ନାମଲେଖା ଫିସ୍ ବା ସ୍କୁଲର ଦରମା ଜମା କରିଥିବେ କିମ୍ବା ଜମା ଖାତାରୁ ଟଙ୍କା ଉଠାଇବା ପାଇଁ ବାପାଙ୍କ ସହ ବ୍ୟାଙ୍କଶାଖାକୁ ଯାଇଥିବେ। ଗ୍ରାମାଞ୍ଚଳରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେହି କେହି ମଧ୍ୟ ବ୍ୟାଙ୍କ ସହ କାରବାର କରିଥିବେ ଅଥବା ବ୍ୟାଙ୍କର କାର୍ଯ୍ୟକାରୀତା ସମ୍ପର୍କରେ ଅବଗତ ଥିବେ।

ବ୍ୟାଙ୍କ ଶାଖାଗୁଡ଼ିକର ଦୁଇଟି ମୁଖ୍ୟ କାମ ହେଉଛି, ଗ୍ରାହକମାନଙ୍କର ଟଙ୍କା ବ୍ୟାଙ୍କରେ ଜମା ରଖିବା ଏବଂ ବ୍ୟାଙ୍କରୁ ଟଙ୍କା ଋଣ ଆକାରରେ ଗ୍ରହୀତାମାନଙ୍କୁ ପ୍ରଦାନ କରିବା। ଏହାଛଡ଼ା ଅନ୍ୟ କେତେଗୁଡ଼ିଏ କାମ ବ୍ୟାଙ୍କଶାଖା ଜରିଆରେ ମଧ୍ୟ କରାଯାଇଥାଏ। ସେଗୁଡ଼ିକ ହେଲା, ଟେଲିଫୋନ ବିଲ୍, ପାଣି ବିଲ୍, ବିଦ୍ୟୁତ୍ ବିଲ୍, ଘରଭଡ଼ା, କରଜ ପରିଶୋଧ କରିବା ଟଙ୍କା ଆଦି ଗ୍ରହଣ କରିବା। ଏହା ବ୍ୟତୀତ ବ୍ୟାଙ୍କ ଡ୍ରାଫ୍ଟ, ଟ୍ରାଭଲରସ୍ ଚେକ୍ ଇତ୍ୟାଦି ପ୍ରଦାନ କରିବା।

ବ୍ୟାଙ୍କରେ ଟଙ୍କା ମୁଖ୍ୟତଃ ଚାରିପ୍ରକାର ଆକାଉଣ୍ଟରେ ରଖାଯାଇଥାଏ।

(କ) ପ୍ରଚଳିତ ଆକାଉଣ୍ଟ (Current Account)

(ଖ) ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ (Savings Bank Account)

(ଗ) ମିଆଦୀଜମା ଆକାଉଣ୍ଟ (Term Deposit Account)

(ଘ) ପୌନଃପୁନିକ ଜମା ଆକାଉଣ୍ଟ (Recurring Deposit Account)

ଡାକଘରମାନଙ୍କରେ ପ୍ରଚଳିତ ଆକାଉଣ୍ଟ ବ୍ୟତୀତ ଅନ୍ୟ ତିନୋଟି ଆକାଉଣ୍ଟର ପ୍ରଚଳନ ଦେଖାଯାଏ।

ବଡ଼ ବଡ଼ ବ୍ୟବସାୟୀ, କମ୍ପାନୀମାନେ ସାଧାରଣତଃ ପ୍ରଚଳିତ ଆକାଉଣ୍ଟ ଖୋଲିଥାଆନ୍ତି। ବ୍ୟାଙ୍କ ପ୍ରଦତ୍ତ ଚେକ୍ ମାଧ୍ୟମରେ ଏହି ବ୍ୟବସାୟୀ ଓ କମ୍ପାନୀମାନେ କାରବାର କରିଥାଆନ୍ତି। ଏହି ଆକାଉଣ୍ଟରେ ଜମାଥିବା ଟଙ୍କାପାଇଁ ବ୍ୟାଙ୍କ କିଛି ସୁଧ ଦିଏନାହିଁ, କିନ୍ତୁ ତା' ପରିବର୍ତ୍ତେ କେତେକ ସୁବିଧା ଯୋଗାଇଥାଏ। ଆକାଉଣ୍ଟଧାରୀ ଚାହିଁଲେ ଦିନକୁ ଯେତେଥର ଟଙ୍କା ଉଠାଇପାରିବେ।

ବେତନଧାରୀ, କ୍ଷୁଦ୍ର ଓ ମଧ୍ୟମ ରୋଜଗାର କରୁଥିବା ବ୍ୟକ୍ତିବିଶେଷ ସାଧାରଣତଃ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଖୋଲିଥାଆନ୍ତି। ଏହି ଆକାଉଣ୍ଟ ସମ୍ବନ୍ଧରେ ପରବର୍ତ୍ତୀ ଅନୁଚ୍ଛେଦରେ ସବିଶେଷ ଆଲୋଚନା କରାଯାଇଅଛି।

ମିଆଦୀ ଜମା ଆକାଉଣ୍ଟରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ଟଙ୍କା ଜମା ରଖାଯାଇଥାଏ। ନିର୍ଦ୍ଧାରିତ ଅବଧି ମଧ୍ୟରେ ଏହି ଆକାଉଣ୍ଟରୁ ଟଙ୍କା ଉଠାଯାଇନପାରେ। ଏଥିପାଇଁ ପ୍ରଚଳିତ ସୁଧହାରଠାରୁ ଟିକିଏ ଅଧିକ ହାରରେ ବ୍ୟାଙ୍କ ସୁଧ ଦେଇଥାଏ। 2006 ମସିହା ପାଇଁ ଏହି ମିଆଦୀ ଜମା ଅମାନତର ବିଭିନ୍ନ ଅବଧି ପାଇଁ ସୁଧର ହାର ହେଉଛି,

| | |
|---|---|
| 15 ଦିନରୁ 45 ଦିନ ପର୍ଯ୍ୟନ୍ତ ସୁଧର ହାର | 4.5% |
| 46 ଦିନରୁ 179 ଦିନ ପର୍ଯ୍ୟନ୍ତ ସୁଧର ହାର | 4.75% |
| 180 ଦିନରୁ 1 ବର୍ଷ ପର୍ଯ୍ୟନ୍ତ ସୁଧର ହାର | 5.5% |
| 1 ବର୍ଷରୁ 3 ବର୍ଷ ପର୍ଯ୍ୟନ୍ତ ସୁଧର ହାର | 6% |
| 3 ବର୍ଷରୁ 5 ବର୍ଷ ପର୍ଯ୍ୟନ୍ତ ସୁଧର ହାର | 6.25% |
| 5 ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ସୁଧର ହାର | 6.5% |

ଏହି ସୁଧର ହାର ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଦ୍ୱାରା ପ୍ରଚଳିତ। ଅନ୍ୟ କେତେକ ବ୍ୟାଙ୍କର ସୁଧର ହାର ଏହାଠାରୁ ଭିନ୍ନ ହୋଇପାରେ। ସଞ୍ଚୟବ୍ୟାଙ୍କ ଆକାଉଣ୍ଟରେ ଜମାଥିବା ଟଙ୍କା ପାଇଁ ବାର୍ଷିକ ସୁଧର ହାର ହେଉଛି 3.5%। ଏ ସୁଧର ହାର ସାଧାରଣତଃ ପରିବର୍ତ୍ତନଶୀଳ।

ପୌନଃପୁନିକ ଜମା ଆକାଉଣ୍ଟ ହେଉଛି, ଏକ ପ୍ରକାରର ସ୍ଥାୟୀ ଅମାନତ ଆକାଉଣ୍ଟ। ଏହି ଆକାଉଣ୍ଟ ପରିପକ୍ୱ ହେବାପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା (ମନେକର ଏକବର୍ଷ) ଧାର୍ଯ୍ୟ କରାଯାଇଥାଏ। ଏହା ସ୍ଥଳବିଶେଷରେ 5ବର୍ଷ, 10ବର୍ଷ ମଧ୍ୟ ହୋଇପାରେ। ଏହି ଆକାଉଣ୍ଟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ପୂର୍ବ ନିର୍ଦ୍ଧାରିତ ସର୍ତ୍ତ ଅନୁସାରେ ପ୍ରତିମାସରେ, ତିନିମାସରେ ଥରେ, ଛଅମାସରେ ଥରେ ବା ବର୍ଷକୁ ଥରେ ଜମା ଦିଆଯାଇଥାଏ। ପୂର୍ବ ନିର୍ଦ୍ଧାରିତ ଅବଧିପରେ ସମୂଳସୁଧ ସହ ପୁରାଟଙ୍କା ଗ୍ରାହକକୁ ମିଳିଥାଏ।

ବର୍ତ୍ତମାନ ଆମେ କେବଳ ସଞ୍ଚୟବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ଜମାଟଙ୍କା ପାଇଁ କିପରି ସୁଧ ହିସାବ କରାଯାଏ, ତାହା ଏଠାରେ ଆଲୋଚନା କରିବା।

**6.2. ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ (Savings Bank Account) :**

ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ସବୁଠାରୁ ଲୋକପ୍ରିୟ ଆକାଉଣ୍ଟ। ଯେ କୌଣସି ବ୍ୟକ୍ତି ସର୍ବନିମ୍ନ 100ଟଙ୍କା ଦେଇ ଯେ କୌଣସି ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲିପାରିବେ। ସେଥିପାଇଁ ତାଙ୍କୁ ଗୋଟିଏ ନିର୍ଦ୍ଧାରିତ ଫର୍ମ ପୂରଣ କରିବାକୁ ହୋଇଥାଏ। ତା'ଛଡ଼ା ଆବଶ୍ୟକ ସଂଖ୍ୟକ ପାସପୋର୍ଟ ଫଟୋ ଏବଂ ଭୋଟର ପରିଚୟ ପତ୍ର ବା ପାନ୍ (PAN-Permanent Account Number) କାର୍ଡ୍‌ର ଜେରକ୍ସ କପି ଦେବାକୁ ପଡ଼େ।

ଆକାଉଣ୍ଟ ଖୋଲା ହେବାପରେ ଆକାଉଣ୍ଟଧାରୀଙ୍କୁ ବ୍ୟାଙ୍କ ତରଫରୁ ଏକ ପାସ୍‌ବହି ଦିଆଯାଏ। ଯେକୌଣସି କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟଧାରୀ ଯେତେଟଙ୍କା ରଖିପାରନ୍ତି ବା ଜମାଥିବା ଟଙ୍କା ଉଠାଇପାରନ୍ତି। ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ହେଲେ, ଏକ ନିର୍ଦ୍ଦିଷ୍ଟ ଟଙ୍କା ଉଠାଇବା ଫର୍ମ ବା ଚେକ୍ ପୂରଣ କରିବାକୁ ପଡ଼ିଥାଏ। ନିର୍ଦ୍ଦିଷ୍ଟ ଫର୍ମଟି ବ୍ୟାଙ୍କରେ ମିଳେ କିନ୍ତୁ ଚେକ୍ ବହି ବ୍ୟାଙ୍କ ତରଫରୁ

ଆକାଉଣ୍ଟଧାରୀଙ୍କୁ ଯୋଗାଇ ଦିଆଯାଇଥାଏ। ଚେକ୍ ବ୍ୟବହାର କରିବାକୁ ହେଲେ ଷ୍ଟେଟ୍‌ବ୍ୟାଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ଅତି କମ୍‌ରେ 500 ଟଙ୍କା ରହିବା ଦରକାର ଏବଂ ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟ ରେ ଅତି କମ୍‌ରେ 1000ଟଙ୍କା ରହିବା ଦରକାର।

ଡାକଘରେ ମଧ୍ୟ ଯେକୌଣସି ବ୍ୟକ୍ତି ଏକ ସଞ୍ଚୟ ଆକାଉଣ୍ଟ ଖୋଲିପାରିବେ।

ପାସ୍ ବୁକ୍‌ର ଏକ ନମୁନା ନିମ୍ନରେ ଦିଆଗଲା।

| Date ତାରିଖ | Particulars ବିବରଣୀ | Cheque ଚେକ୍‌ନଂ. | Amount Withdrawn Rs. P. ଟଙ୍କା ଉଠାଇବା ଟ. ପ. | Amount Deposited Rs. P. ଟଙ୍କା ରଖିବା ଟ. ପ. | Balance Rs. P. ଅବଶେଷ ଟ. ପ. | Initials ହସ୍ତାକ୍ଷର |
|---|---|---|---|---|---|---|
| | | | | | | |

ଏହି ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ଯେଉଁ ଟଙ୍କା ରଖାଯାଏ, ତାହା ଏକ ପୂର୍ବ ନିର୍ଦ୍ଧାରିତ ନିୟମାନୁସାରେ କିଛି ସୁଧ ବ୍ୟାଙ୍କ ତରଫରୁ ଆକାଉଣ୍ଟଧାରୀଙ୍କୁ ଦିଆଯାଇଥାଏ। ନିମ୍ନଲିଖିତ ନିୟମାନୁସାରେ ସୁଧ ହିସାବ କରାଯାଏ।

(i) ପ୍ରତି ମାସର 10 ତାରିଖଠାରୁ ସେହି ମାସର ଶେଷ ତାରିଖ ପର୍ଯ୍ୟନ୍ତ ଆକାଉଣ୍ଟରେ ଥିବା ସର୍ବନିମ୍ନ ଅବଶେଷ ଟଙ୍କା ପାଇଁ ସୁଧ ହିସାବ କରାଯାଏ।

(ii) ଯଦିଓ ପ୍ରତି ମାସ ପାଇଁ ସୁଧ ହିସାବ କରାଯାଏ, ତେବେ ବର୍ଷକୁ ଦୁଇଥର ମାର୍ଚ୍ଚ 31 ତାରିଖ ଓ ସେପ୍ଟେମ୍ବର 30 ତାରିଖରେ ଆକାଉଣ୍ଟଧାରୀଙ୍କ ପାସ୍ ବୁକ୍‌ରେ ବ୍ୟାଙ୍କ ତରଫରୁ ସୁଧ ଜମା କରାଯାଇଥାଏ। କେତେକ ବ୍ୟାଙ୍କରେ ଏହି ସୁଧର ହିସାବ ଜୁନ୍ 30 ତାରିଖ ଏବଂ ଡିସେମ୍ବର 31 ତାରିଖରେ କରାଯାଇଥାଏ।

(iii) ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ପାଇ ସୁଧର ହାର ବାର୍ଷିକ 3.5% ଯାହାକି ବର୍ଷକୁ ଦୁଇଥର ଦିଆଯାଇଥାଏ। ପୋଷ୍ଟ ଅଫିସ୍‌ରେ ସଞ୍ଚୟ ଆକାଉଣ୍ଟ ପାଇଁ ସୁଧର ହାର ବାର୍ଷିକ ମଧ୍ୟ 3.5%।

**6.2.1. ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ପାଇଁ ସୁଧ ହିସାବ :**

କେତେଗୁଡ଼ିଏ ଉଦାହରଣ ମାଧ୍ୟମରେ ସୁଧ ହିସାବ କିପରି କରାଯାଏ, ଦର୍ଶାଇବା।

**ଉଦାହରଣ - 1 :**

ହବିବ୍ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ତା 2-7-99ରିଖରେ 500 ଟଙ୍କା ଜମା ଦେଇ ଏକ ଆକାଉଣ୍ଟ ଖୋଲିଲେ। ସେ ସେହି ମାସ 9 ତାରିଖରେ ଆଉ 720 ଟଙ୍କା ଓ 17 ତାରିଖରେ 200 ଟଙ୍କା ଉଠାଇଲେ ଏବଂ ସେହି ମାସ 22 ତାରିଖରେ 100 ଟଙ୍କା ବ୍ୟାଙ୍କରେ ଜମା ଦେଲେ। ତେବେ 1999 ମସିହା ଜୁଲାଇ ମାସ ପାଇଁ ହବିବ୍ କେତେ ଟଙ୍କା ସୁଧ ପାଇବେ ?

**ସମାଧାନ :**

ଜୁଲାଇ ମାସର 10 ତାରିଖଠାରୁ ମାସ ଶେଷ ପର୍ଯ୍ୟନ୍ତ ଥିବା ସର୍ବନିମ୍ନ ଅବଶେଷ ଟଙ୍କା ପାଇଁ ହବିବ୍ ସୁଧ ପାଇବେ। ସେହି ଅବଶେଷ ଟଙ୍କା ହେଲା 500ଟ. + 720ଟ. –200ଟ = 1020ଟଙ୍କା। କାରଣ ନିୟମାନୁସାରେ 22 ତାରିଖରେ ଜମା ରଖିଥିବା ଟଙ୍କା ଉପରେ ସେ ସୁଧ ପାଇବେ ନାହିଁ।

**ଉଦାହରଣ - 2 :**

ନମିତା ପଣ୍ଡାଙ୍କର ଗ୍ରାମ୍ୟ ବ୍ୟାଙ୍କରେ ଏକ ସଞ୍ଚୟ ଆକାଉଣ୍ଟ ଅଛି। ଆକାଉଣ୍ଟ ବହିରେ ମେ ଓ ଜୁନ୍ 2006 ମସିହା ପାଇଁ ବିଶଦ ବିବରଣୀ ନିମ୍ନ ପ୍ରକାରରେ –

| ତାରିଖ | ବିବରଣୀ | ଚେକ୍ ନଂ. | ଟଙ୍କା ଉଠାଇବା | | ଟଙ୍କା ରଖିବା | | ଅବଶେଷ | | ହସ୍ତାକ୍ଷର |
|---|---|---|---|---|---|---|---|---|---|
| | | | ଟ. | ପ. | ଟ. | ପ. | ଟ. | ପ. | |
| ମେ 3 | ଟଙ୍କା ଆକାରରେ | | | | 200 | 00 | 200 | 00 | |
| ମେ 8 | ଟଙ୍କା ଆକାରରେ | | | | 300 | 00 | 500 | 00 | |
| ଜୁନ୍ 1 | ଚେକ୍ ଆକାରରେ | | | | 2000 | 00 | 2500 | 00 | |
| ଜୁନ୍ 1 | ଚେକ୍ ଆକାରରେ | | 15 | 00 | | | 2485 | 00 | |
| ଜୁନ୍ 6 | | 501 ପାଇଁ | 485 | 00 | | | 2000 | 00 | |

ମେ ଓ ଜୁନ୍ ମାସର କେତେ ଟଙ୍କା ପାଇଁ ନମିତା ସୁଧ ପାଇବାକୁ ହକ୍‌ଦାର ନିର୍ଣ୍ଣୟ କର। ଯଦି ସୁଧର ହାର ବାର୍ଷିକ 3.5% ହୋଇଥାଏ, ତେବେ ମେ ଓ ଜୁନ୍ ଉଭୟ ମାସ ପାଇଁ ସମୁଦାୟ କେତେ ଟଙ୍କା ସୁଧ ପାଇବେ ?

**ସମାଧାନ :**

ମେ ମାସର 10 ତାରିଖଠାରୁ 31 ତାରିଖ ପର୍ଯ୍ୟନ୍ତ ଅବଶେଷ ଟଙ୍କା ହେଉଛି 500 ଟଙ୍କା, ଏଣୁ ଏହି ଟଙ୍କା ପାଇଁ ସେ ସୁଧ ପାଇବେ। ସେହିପରି ଜୁନ୍ ମାସ ପାଇଁ ପୂର୍ବ ନିର୍ଦ୍ଧାରିତ ସମୟ ପାଇଁ ଅବଶେଷ ଟଙ୍କା ହେଉଛି, 2000 ଟଙ୍କା। ତେଣୁ

ମେ ପାଇଁ ସର୍ବନିମ୍ନ ଅବଶେଷ ଟଙ୍କା = 500 ଟଙ୍କା

ଜୁନ୍ ପାଇଁ ସର୍ବନିମ୍ନ ଅବଶେଷ = 2000 ଟଙ୍କା

ସମୁଦାୟ = 2500 ଟଙ୍କା

ଏହି ମୂଳଧନ 2500 ଟଙ୍କାର ଏକମାସ ପାଇଁ ସୁଧ ହେଉଛି,

$$\text{ସୁଧ} = \frac{P \times R \times T}{100} = \frac{2500 \times 3.5}{100} \times \frac{1}{12}\text{ଟ.} = \frac{87.5}{12}\text{ଟ.} = 7.29 \text{ ଟ.}$$ (ଉତ୍ତର)

**ଉଦାହରଣ - 3 :**

ରିଙ୍କୁର ପାସ୍ ବୁକ୍‌ର ଏକ ଅଂଶ ନିମ୍ନରେ ପ୍ରଦତ୍ତ ହେଲା। ଯଦି ପ୍ରତିବର୍ଷ ମାର୍ଚ୍ଚ 31 ଓ ସେପ୍ଟେମ୍ବର 30 ତାରିଖରେ ସୁଧ ହିସାବ କରାଯାଉଥାଏ, ତେବେ ବାର୍ଷିକ 3.5% ସୁଧର ହାର ହିସାବରେ ସେପ୍ଟେମ୍ବର 30 ତାରିଖରେ ରିଙ୍କୁ କେତେ ଟଙ୍କା ସୁଧ ପାଇବ ?

| ତାରିଖ | ବିବରଣୀ | ଚେକ୍ ନଂ. | ଟଙ୍କା ଉଠାଇବା ଟ. ପ. | ଟଙ୍କା ରଖିବା ଟ. ପ. | ଅବଶେଷ ଟ. ପ. | ହସ୍ତାକ୍ଷର |
|---|---|---|---|---|---|---|
| ଅପ୍ରେଲ୍ 1 | ଅବଶେଷ | | | | 2000 . 00 | |
| ଅପ୍ରେଲ୍ 6 | ଟଙ୍କା ଆକାରରେ | | | 600 . 00 | 2600 . 00 | |
| ଅପ୍ରେଲ୍ 16 | ଲୋକାଲ୍ ଚେକ୍ | | | 1200 . 00 | 3800 . 00 | |
| ମେ 9 | | 108 ପାଇଁ | 700 .00 | | 3100 . 00 | |
| ମେ 10 | ଟଙ୍କା ଆକାରରେ | | | 800 . 00 | 3900 . 00 | |
| ମେ 12 | | 109 ପାଇଁ | 1200 .00 | | 2700 . 00 | |
| ଜୁଲାଇ 10 | ଟଙ୍କା ଆକାରରେ | | | 1500 . 00 | 4200 . 00 | |
| ଜୁଲାଇ 19 | ନିଜ ପାଇଁ | | 1000 .00 | | 3200 . 00 | |
| ଜୁଲାଇ 30 | | 110 ପାଇଁ | 600 .00 | | 2600 . 00 | |

**ସମାଧାନ :**

ଅପ୍ରେଲ୍ ମାସଠାରୁ ସେପ୍ଟେମ୍ବର ମାସ ପାଇଁ ସର୍ବନିମ୍ନ ଅବଶେଷ ଜମା ଟଙ୍କା ଏହିପରି

ଅପ୍ରେଲ୍ ଟ. 2600.00

ମେ ଟ. 2700.00

ଜୁନ୍ ଟ. 2700.00 (∵ ଜୁନ୍ ମାସରେ ଟଙ୍କା ଉଠାଯାଇ ନାହିଁ କିମ୍ବା ଜମା ଦିଆ ହୋଇନାହିଁ)

ଜୁଲାଇ ଟ. 2600.00

ଅଗଷ୍ଟ ଟ. 2600.00 (∵ ଅଗଷ୍ଟରେ ସେହି ଟଙ୍କା ଜମା ରହିଛି)

ସେପ୍ଟେମ୍ବର ଟ. 2600.00 (∵ ସେପ୍ଟେମ୍ବରରେ ମଧ୍ୟ ସେତିକି ଜମା ରହିଛି ।)

ଟ.15,800.00

ଟ.15,800.00କୁ ମୂଳଧନ ହିସାବରେ ଏକ ମାସ ପାଇଁ ବାର୍ଷିକ 3.5% ହିସାବରେ ସୁଧ ହିସାବ କରିବା ଅର୍ଥାତ୍ ଏଠାରେ ମୂଳଧନ = 15,800.00ଟ. ସୁଧର ହାର = ବାର୍ଷିକ 3.5%, ସମୟ T = 1 ମାସ = $\frac{1}{12}$ ବର୍ଷ

$\therefore$ ନିର୍ଣ୍ଣେୟ ସୁଧ = $\frac{P \times R \times T}{100} = \frac{15800 \times 3.5 \times 1}{100 \times 12}$ = ଟ.$\frac{158 \times 3.5}{12}$ = ଟ.46.08 (ଉତ୍ତର)

## ଅନୁଶୀଳନୀ - 6(a)

(1 ଠାରୁ 3 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ସମାଧାନ ପାଇଁ ଯେକୌଣସି ଦୁଇଟି ଜାତୀୟକରଣ ବ୍ୟାଙ୍କର ସାହାଯ୍ୟ ନେଇପାର ।)

1. ସର୍ବନିମ୍ନ କେତେ ଟଙ୍କା ଦେଇ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲା ଯାଇପାରିବ ?

2. ଚେକ୍ ଦେଇ ବ୍ୟାଙ୍କରୁ ଟଙ୍କା ଉଠାଇବା ପରେ ଆକାଉଣ୍ଟରେ ଅତିକମ୍‌ରେ କେତେ ଟଙ୍କା ରହିବା ଦରକାର ?

3 ବର୍ଷକୁ କେତେ ଥର ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ପାଇଁ ବ୍ୟାଙ୍କ ସୁଧ ହିସାବ କରେ?

4 ଜଣେ ବ୍ୟକ୍ତି 500 ଟଙ୍କା ଦେଇ ଅପ୍ରେଲ୍ 11 ତାରିଖରେ ଏକ ଆକାଉଣ୍ଟ ଖୋଲିଲେ। ଯଦି ଜୁନ୍ ମାସ ଶେଷ ସୁଦ୍ଧା ସେ ବ୍ୟାଙ୍କରୁ ଟଙ୍କା ଉଠାଇ ନଥାନ୍ତି ବା ଟଙ୍କା ଜମା ରଖି ନଥାନ୍ତି, ତେବେ 6% ସୁଧ ହିସାବରେ ସେ ଜୁନ୍ ମାସ ଶେଷରେ କେତେ ସୁଧ ପାଇବେ?

5. ନମ୍ରତାର ବ୍ୟାଙ୍କରେ ଏକ ସଞ୍ଚୟ ଆକାଉଣ୍ଟ ଅଛି। ଆକାଉଣ୍ଟ ବହିରେ ଥିବା ହିସାବରେ ବିଶଦ ବିବରଣୀ ଏହିପରି –

| ତାରିଖ | ବିବରଣୀ | ଚେକ୍ ନଂ. | ଟଙ୍କା ଉଠାଇବା ଟ. ପ. | ଟଙ୍କା ରଖିବା ଟ. ପ. | ଅବଶେଷ ଟ. ପ. | ହସ୍ତାକ୍ଷର |
|---|---|---|---|---|---|---|
| ଫେବୃୟାରୀ 19 | ଟଙ୍କା ଜମା | | | 1000.00 | 1000.00 | |
| ଫେବୃୟାରୀ 25 | ଟଙ୍କା ଜମା | | | 2000.00 | 3000.00 | |
| ମାର୍ଚ୍ଚ 1 | ଦରମା ଟଙ୍କା | | | 5000.00 | 8000.00 | |
| ମାର୍ଚ୍ଚ 10 | | 201 ପାଇଁ | 2000.00 | | 6000.00 | |
| ମାର୍ଚ୍ଚ 27 | | 202 ପାଇଁ | 500.00 | | 5500.00 | |
| ଅପ୍ରେଲ୍ 1 | ଦରମା ଟଙ୍କା | | | 5000.00 | 10,500.00 | |

ଉପରୋକ୍ତ ଜମା ପାଇଁ ବାର୍ଷିକ ସୁଧର ହାର 5% ହେଲେ,

(i) ଫେବୃୟାରୀ ମାସ ପାଇଁ ନମ୍ରତା କେତେ ସୁଧ ପାଇବେ?

(ii) ମାର୍ଚ୍ଚ ମାସ ପାଇଁ କେତେ ସୁଧ ପାଇବେ?

(iii) ଅପ୍ରେଲ୍ 21 ତାରିଖରେ ଆକାଉଣ୍ଟ ବନ୍ଦ କରିବାକୁ ନମ୍ରତା ଦରଖାସ୍ତ କଲେ, ସମୁଦାୟ ଜମା ଟଙ୍କା ପାଇଁ ସେ କେତେ ସୁଧ ପାଇବେ?

6. ହରିର ଏକ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଅଛି। 1998 ମସିହା ପାଇଁ ପାସ୍ ବୁକ୍‌ରେ ଥିବା ଟଙ୍କାର ବିଶଦ ବିବରଣୀ ନିମ୍ନରେ ଦିଆଯାଇଛି। ଯଦି ଡିସେମ୍ବର ମାସ ଶେଷରେ ବର୍ଷକୁ ଥରେ ମାତ୍ର 5% ସୁଧରେ ସୁଧ ହିସାବ କରାଯାଏ, ତେବେ ହରି 1998 ମସିହା ପାଇଁ କେତେ ସୁଧ ପାଇଲେ, ହିସାବ କର।

| ତାରିଖ | ବିବରଣୀ | ଚେକ୍ ନଂ. | ଟଙ୍କା ଉଠାଇବା ଟ. ପ. | ଟଙ୍କା ରଖିବା ଟ. ପ. | ଅବଶେଷ ଟ. ପ. | ହସ୍ତାକ୍ଷର |
|---|---|---|---|---|---|---|
| 1998 | | | | | | |
| ଜାନୁୟାରୀ 1 | ଅବଶେଷ | | | | 2300.00 | |
| ଜାନୁୟାରୀ 25 | ଟଙ୍କା ଆକାରରେ | | | 600.00 | 2900.00 | |
| ମାର୍ଚ୍ଚ 1 | ଟଙ୍କା ଆକାରରେ | | | 200.00 | 3100.00 | |
| ଜୁନ୍ 10 | | 302 | 400.00 | | 2700.00 | |
| ସେପ୍ଟେମ୍ବର 8 | | 303 | 600.00 | | 2100.00 | |
| ଡିସେମ୍ବର 23 | | 304 | 600.00 | | 1500.00 | |

7. ତୁମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ 500 ଟଙ୍କା ଦେଇ ଜାନୁୟାରୀ 5 ତାରିଖରେ ଏକ ସଞ୍ଚୟ ଆକାଉଣ୍ଟ ଖୋଲିଲ। ଜାନୁୟାରୀ 12 ତାରିଖରେ ଆଉ 1000 ଟଙ୍କା ଜମା ଦେଲ। ଜାନୁୟାରୀ 27 ତାରିଖରେ ଚେକ୍‌ଟିଏ ଦେଇ 300 ଟଙ୍କା ଉଠାଇଲ। ଫେବୃୟାରୀ 10 ତାରିଖରେ 700 ଟଙ୍କା ଜମା ଦେଲ। ମାର୍ଚ୍ଚ 5 ତାରିଖରେ 200 ଟଙ୍କା ଉଠାଇବା ଫର୍ମ ଦେଇ ଟଙ୍କା ଉଠାଇଲ।

(i) ଉପରୋକ୍ତ ବିଶଦ ବିବରଣୀ କିପରି ପାସ୍‌ବୁକ୍‌ରେ ଲେଖାଯିବ, ଦର୍ଶାଅ।

(ii) ଯଦି ବାର୍ଷିକ ସୁଧର ହାର 5% ହୋଇଥାଏ, ତେବେ ମାର୍ଚ୍ଚ ମାସ ଶେଷରେ ତୁମେ କେତେ ଟଙ୍କା ସୁଧ ପାଇବ ?

8. ସଲିମ୍‌ର ଏକ ସଞ୍ଚୟବ୍ୟାଙ୍କ ଆକାଉଣ୍ଟ ଅଛି। ପାସ୍‌ବୁକ୍‌ର ଗୋଟିଏ ପୃଷ୍ଠାର ନକଲ ନିମ୍ନରେ ଦିଆଯାଇଛି। ଯଦି ଡିସେମ୍ବର ମାସ ଶେଷରେ ବର୍ଷକୁ ଥରେ ମାତ୍ର 5% ସୁଧରେ ସୁଧ ହିସାବ କରାଯାଏ, ତେବେ ସଲିମ୍ 2001 ମସିହା ପାଇଁ କେତେ ସୁଧ ପାଇଥିବ, ହିସାବ କର।

| ତାରିଖ(2001) | ବିବରଣୀ | ଟଙ୍କା ଉଠାଇବା | ଟଙ୍କା ରଖିବା | ଅବଶେଷ | ହସ୍ତାକ୍ଷର |
|---|---|---|---|---|---|
| | | ଟ. ପ. | ଟ. ପ. | ଟ. ପ. | |
| ଜାନୁୟାରୀ 2 | ଅବଶେଷ | — | — | 1250.00 | |
| ଫେବୃୟାରୀ 6 | ଚେକ୍ ପାଇଁ | 550.00 | — | 700.00 | |
| ମାର୍ଚ୍ଚ 3 | ଟଙ୍କା ଜମା | — | 2000.00 | 2,700.00 | |
| ମାର୍ଚ୍ଚ 10 | ଟଙ୍କା ଜମା | — | 575.00 | 3275.00 | |
| ନଭେମ୍ବର 4 | ଚେକ୍ ପାଇଁ | 1500.00 | — | 1775.00 | |
| ଡିସେମ୍ବର 4 | ଟଙ୍କା ଜମା | — | 3000.00 | 4775.00 | |

9. ଗୋଟିଏ ସଞ୍ଚୟ ପାସ୍‌ବୁକ୍‌ର ଏକ ପୃଷ୍ଠାର ନକଲ ଦିଆଯାଇଛି। ଯଦି ଫେବୃୟାରୀ ମାସଠାରୁ ଜୁଲାଇ ମାସ ମଧ୍ୟରେ ବ୍ୟକ୍ତିଜଣକ 111.45 ଟଙ୍କା ସୁଧ ପାଇଥା'ନ୍ତି ତେବେ ଶତକଡ଼ା ସୁଧର ହାର ନିର୍ଣ୍ଣୟ କର।

| ତାରିଖ(2001) | ବିବରଣୀ | ଟଙ୍କା ଉଠାଇବା | ଟଙ୍କା ରଖିବା | ଅବଶେଷ | ହସ୍ତାକ୍ଷର |
|---|---|---|---|---|---|
| | | ଟ. ପ. | ଟ. ପ. | ଟ. ପ. | |
| ଫେବୃୟାରୀ 8 | ଅବଶେଷ | — | — | 8500.00 | |
| ଫେବୃୟାରୀ 12 | ନିଜ ପାଇଁ | 4000.00 | — | 4500.00 | |
| ଏପ୍ରିଲ୍ 12 | ଟଙ୍କା ଜମା | — | 2238.00 | 6738.00 | |
| ଜୁନ୍ 15 | ନିଜ ପାଇଁ | 5000.00 | — | 1738.00 | |
| ଜୁଲାଇ 8 | ଟଙ୍କା ଜମା | — | 6000.00 | 7738.00 | |

10. କୁଲ୍‌ଦୀପ୍‌ଙ୍କର ସଞ୍ଚୟ ପାସ୍‌ବୁକ୍‌ର ଏକ ପୃଷ୍ଠାର ନକଲ ନିମ୍ନରେ ଦିଆଯାଇଛି। 6% ହାରରେ ଜାନୁୟାରୀରୁ ଡିସେମ୍ବର 2000 ପର୍ଯ୍ୟନ୍ତ ସୁଧ ହିସାବ କର।

| ତାରିଖ(2000) | ବିବରଣୀ | ଟଙ୍କା ଉଠାଇବା | ଟଙ୍କା ରଖିବା | ଅବଶେଷ | ହସ୍ତାକ୍ଷର |
|---|---|---|---|---|---|
| | | ଟ. ପ. | ଟ. ପ. | ଟ. ପ. | |
| ଜାନୁୟାରୀ 1 | ଅବଶେଷ | — | — | 2000.00 | |
| ଫେବୃୟାରୀ 3 | ଚେକ୍ ଦ୍ୱାରା | — | 1550.00 | 3550.00 | |
| ଫେବୃୟାରୀ 10 | ଟଙ୍କା ଜମା | — | 2000.00 | 5500.00 | |
| ଜୁନ୍ 17 | ଚେକ୍ ପାଇଁ | 1000.00 | — | 4550.00 | |
| ନଭେମ୍ବର 5 | ଟଙ୍କା ଜମା | — | 2525.00 | 7075.00 | |
| ଡିସେମ୍ବର 6 | ଚେକ୍ ପାଇଁ | 2500 | — | 4575.00 | |

## 6.3. ଅଂଶ ଓ ତମସୁକ (Shares and Debentures) :

କୌଣସି ଏକ ବ୍ୟବସାୟ ବା ପ୍ରକଳ୍ପ ପ୍ରତିଷ୍ଠା ଲାଗି ମୂଳଧନ ଆବଶ୍ୟକ। ଏହା ବ୍ୟବସାୟର ଆକାର ଉପରେ ନିର୍ଭର କରିଥାଏ। ଗୋଟିଏ ଛୋଟ ବ୍ୟବସାୟ ପାଇଁ ଉଦ୍ୟୋକ୍ତା ନିଜେ ଅର୍ଥ ଯୋଗାଡ଼ କରି ବ୍ୟବସାୟ ଆରମ୍ଭ କରିଥାଆନ୍ତି। ଏକ ମଧ୍ୟମ ଧରଣର ବ୍ୟବସାୟ ଅଥବା ପ୍ରକଳ୍ପ ପାଇଁ **ଯୌଥ ପ୍ରଥା (partnership)** ଉପଯୁକ୍ତ ମନେ ହୁଏ। କିନ୍ତୁ ଗୋଟିଏ ବୃହତ୍ ପ୍ରକଳ୍ପ ପାଇଁ ଯୌଥ ପ୍ରଥାରେ ବ୍ୟବସାୟ ଆରମ୍ଭ କରିବା ସମ୍ଭବ ହୋଇ ନଥାଏ। କାରଣ (କ) ଏଥିପାଇଁ ଯାହା ପୁଂଜି ବା ମୂଳଧନ ଦରକାର, ତାହା ଉଦ୍ୟୋକ୍ତା ନିଜେ ବା ଉଦ୍ୟୋକ୍ତାମାନେ ଖଟାଇ ପାରନ୍ତି ନାହିଁ। (ଖ) ଉପରୋକ୍ତ ବ୍ୟବସାୟରେ ଦେୟ (liability) ଅଶେଷ ଅର୍ଥାତ୍ ଯଦି ବ୍ୟବସାୟରେ ବିପୁଳ କ୍ଷତି ହୁଏ ଏବଂ ବ୍ୟବସାୟର ଦେୟ ଏହାର ସଂପତ୍ତି ଦ୍ୱାରା ଭରଣା କରାଯାଇପାରେ ନାହିଁ, ତେବେ ଉଦ୍ୟୋକ୍ତା ଏବଂ ତାର ଅଂଶୀଦାରମାନେ ତାଙ୍କ ନିଜସ୍ୱ ସଂପତ୍ତିରୁ ତାହା ଭରଣା କରିବାକୁ ବାଧ୍ୟ।

ତେଣୁ ଗୋଟିଏ ବୃହତ୍ ପ୍ରକଳ୍ପ ପାଇଁ ଉଦ୍ୟୋକ୍ତାମାନେ ଅଂଶ କ୍ରୟ ପ୍ରଥା ଅବଲମ୍ବନ କରିଥାଆନ୍ତି। ନିୟମାନୁସାରେ ସେମାନେ ପ୍ରଥମେ ଗୋଟିଏ **ଜଏଣ୍ଟଷ୍ଟକ** କଂପାନୀ ଗଠନ କରନ୍ତି। ଏହି କମ୍ପାନୀର ଆବଶ୍ୟକ ମୂଳଧନକୁ କେତୋଟି ଅଂଶରେ ବିଭକ୍ତ କରନ୍ତି। ପ୍ରତ୍ୟେକ ଅଂଶକୁ **ଶେୟାର (share) କୁହାଯାଏ।** ଯଦି କମ୍ପାନୀଟିର ମୂଳଧନ 5 ଲକ୍ଷ ଟଙ୍କା ବୋଲି ଧାର୍ଯ୍ୟ କରାଯାଏ, ତେବେ ସେହି ମୂଳଧନକୁ 5000ଟି ଏକ ଶହ ଟଙ୍କିଆ ଅଂଶରେ ବିଭକ୍ତ କରାଯାଇ ତାହାକୁ ବଜାରରେ ବିକ୍ରୀ କରାଯାଏ। ଜଣେ ବ୍ୟକ୍ତି ଏକ ବା ଏକାଧିକ ଅଂଶ କ୍ରୟ କରିପାରନ୍ତି। ଅଂଶ କ୍ରେତା **(share holder)** ଅଂଶ କ୍ରୟ ପାଇଁ ଯେତିକି ଟଙ୍କା ଖର୍ଚ୍ଚ କରନ୍ତି, ସେହି ଟଙ୍କାକୁ **ବିନିଯୋଗ ଅର୍ଥ (investment) କୁହାଯାଏ।** ଅଂଶ କ୍ରେତାମାନଙ୍କର ଦେୟ ତାଙ୍କ କମ୍ପାନୀରେ ବିନିଯୋଗ କରିଥିବା ଟଙ୍କା ମଧ୍ୟରେ ସୀମାବଦ୍ଧ।

କମ୍ପାନୀର ବ୍ୟବସାୟ ଚାଲୁ ହେଲା ପରେ ଯଦି କମ୍ପାନୀ କିଛି ଲାଭ କରେ, ସେଥିରୁ କିଛି ଟଙ୍କା ଭବିଷ୍ୟତ ପାଇଁ ସଂଚିତ ରଖି ଅବଶିଷ୍ଟ ଟଙ୍କାକୁ ଅଂଶ କ୍ରେତାମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ। ବଣ୍ଟା ଯାଇଥିବା ଏହି **ଲାଭାଂଶ**

ବା ମୁନାଫାକୁ **(dividend) ଡିଭିଡ଼େଣ୍ଡ କୁହାଯାଏ।** ଡିଭିଡେଣ୍ଡ ସାଧାରଣତଃ ଦୁଇ ପ୍ରକାରରେ ଦିଆଯାଇଥାଏ। ଅଂଶ ପ୍ରତି ଅର୍ଥାତ୍ ପ୍ରତି ଅଂଶ ପାଇଁ ମନେକର ବାର୍ଷିକ ୨ ଟଙ୍କା ଅଥବା ଶତକଡ଼ା ପ୍ରତି ଅର୍ଥାତ୍ ମନେକର ଶତକଡ଼ା 4। ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି 10ଟି ଅଂଶ କିଣିଥିଲେ, ସେ 50 ଟଙ୍କା ଡ଼ିଭିଡେଣ୍ଡ ପାଇବେ ଅଥବା 10ଟି ଅଂଶର ମୂଲ୍ୟ 1000ଟଙ୍କା ହୋଇଥିଲେ, ସେ 4% ହିସାବରେ ମୋଟ 40ଟଙ୍କା ଡିଭିଡେଣ୍ଡ ପାଇବେ। ଏହି ଡିଭିଡେଣ୍ଡର ହାର କମ୍ପାନୀର ଲାଭ ଉପରେ ନିର୍ଭର କରେ। କମ୍ପାନୀର କ୍ଷତି ହେଲେ, ଅଂଶକ୍ରେତାମାନେ ସାଧାରଣତଃ କୌଣସି ଡିଭିଡେଣ୍ଡ ପାଇ ନଥାନ୍ତି।

ଅଂଶକ୍ରେତାମାନଙ୍କ ବ୍ୟତୀତ ଆଉ କେତେ ବିନିଯୋଗକାରୀ ବ୍ୟବସାୟଜନିତ କ୍ଷତିର ଆଶଙ୍କା କରି କମ୍ପାନୀର ଅଂଶ ଧନର ମୂଳ ବିନିଯୋଗ ନ କରି ଏକ **ନିର୍ଦ୍ଦିଷ୍ଟ** ପରିମାଣର ଆୟରେ ସନ୍ତୁଷ୍ଟ ହୋଇଥାଆନ୍ତି। ସେ କ୍ଷେତ୍ରରେ କମ୍ପାନୀ ଏହି ପ୍ରକାର ବିନିଯୋଗକାରୀ ମାନଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ଦ୍ଦିଷ୍ଟ ହାର ସୁଧରେ ଟଙ୍କା ଉଠାଇଥାଆନ୍ତି। ଏ କ୍ଷେତ୍ରରେ କମ୍ପାନୀକୁ **ତମସୁକ ବା ଡିବେଞ୍ଚର (debenture)** ପ୍ରଚଳନ କରିବାକୁ ପଡ଼ିଥାଏ। ଉଦାହରଣ ସ୍ୱରୂପ ଯଦି କମ୍ପାନୀଟି 20 ଲକ୍ଷ ଟଙ୍କା ୫% ହାରରେ ଉଠାଇବାକୁ ଚାହେଁ, ତେବେ ସେ 200 ଟଙ୍କିଆ 10,000ଟି ଡିବେଞ୍ଚର ପ୍ରଚଳନ କରିଥାଏ। ନିର୍ଦ୍ଦିଷ୍ଟ ସମୟସୀମା ପରେ କମ୍ପାନୀଟି ତମସୁକ ଟଙ୍କା ବିନିଯୋଗକାରୀମାନଙ୍କୁ ଫେରାଇ ଦେଇଥାଏ। ତମସୁକ ଟଙ୍କା ପାଇଁ କମ୍ପାନୀକୁ ପ୍ରତି ଛଅ ମାସରେ ସୁଧ ଦେବାକୁ ହୁଏ।

**ଶେୟାର ଓ ଡିବେଞ୍ଚର ମଧ୍ୟରେ ତଫାତ୍ ହେଲା, ଶେୟାରଗୁଡ଼ିକ କମ୍ପାନୀର ମୂଳଧନ ସ୍ୱରୂପ; କିନ୍ତୁ ଡିବେଞ୍ଚର ହେଲା କମ୍ପାନୀର ଋଣ ସ୍ୱରୂପ।** କମ୍ପାନୀର ଲାଭ କ୍ଷତି ଉପରେ ତମସୁକ କ୍ରେତାମାନଙ୍କର କିଛି ଯାଏ ଆସେ ନାହିଁ, ସେମାନେ ଛ' ଛଅ ମାସକୁ ତାଙ୍କର ନିର୍ଦ୍ଧାରିତ ସୁଧ ପାଇଯାଆନ୍ତି ଏବଂ ନିର୍ଦ୍ଦିଷ୍ଟ ସମୟରେ ମୂଳଧନ ମଧ୍ୟ ଫେରି ପାଆନ୍ତି; କିନ୍ତୁ ଅଂଶ କ୍ରେତାମାନେ କେବଳ କମ୍ପାନୀର ଲାଭାଂଶରୁ ଭାଗ ପାଇଥାଆନ୍ତି। ଏହି ଲାଭାଂଶ ବା ମୁନାଫା (ଡିଭିଡେଣ୍ଡ) ବର୍ଷକୁ ବର୍ଷ ତଫାତ୍ ହୋଇପାରେ।

ବଜାରରେ ଯେପରି ଯେକୌଣସି ସାମଗ୍ରୀର କ୍ରୟ-ବିକ୍ରୟ ହୋଇଥାଏ, ସେହିପରି ଶେୟାର କାରବାରର କେନ୍ଦ୍ର (ଯାହାକୁ ଷ୍ଟକ ଏକସ୍‌ଚେଞ୍ଜ କୁହାଯାଏ)ରେ ଶେୟାର ଗୁଡ଼ିକ କିଣାବିକା ହୋଇପାରେ। ଶେୟାର ବା ଅଂଶ କ୍ରୟ ବିକ୍ରୟ ପାଇଁ ଯେଉଁ ଏଜେଣ୍ଟ ମାନଙ୍କର ସାହାଯ୍ୟ ନିଆଯାଇଥାଏ, ସେମାନଙ୍କୁ ଦଲାଲ **(share brokers)** କୁହାଯାଏ। ଏଥିପାଇଁ କ୍ରେତା ଓ ବିକ୍ରେତା ଉଭୟଙ୍କଠାରୁ ଦଲାଲମାନେ କମିସନି ବା ପାରିଶ୍ରମିକ ପାଇଥାନ୍ତି।

କମ୍ପାନୀ ଶେୟାର ପ୍ରଚଳନ କଲାବେଳେ, ଶେୟାର ପ୍ରତି କେଉଁ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି, ତାକୁ ଶେୟାରର ନିର୍ଦ୍ଧାରିତ ମୂଲ୍ୟ **(nominal value or face value)** କୁହାଯାଏ। ଏହି ମୂଲ୍ୟଟି ଶେୟାର ସାର୍ଟିଫିକେଟ୍‌ରେ ଲେଖାଯାଏ।

ଶେୟାର ବିକ୍ରି ସମୟରେ ବିକ୍ରେତା ପ୍ରତ୍ୟେକ ଅଂଶ ନିର୍ଦ୍ଧାରିତ ମୂଲ୍ୟରେ ବା ତାଠାରୁ କମ୍ ଦରରେ ବା ଅଧିକ ଦରରେ ବିକ୍ରି କରିପାରନ୍ତି। ଯେଉଁ ମୂଲ୍ୟରେ ଅଂଶଟିକୁ ବିକ୍ରି କରାଯାଏ, ତାକୁ ବଜାରଦର ବା ବିକ୍ରି ମୂଲ୍ୟ **(market value)** କୁହାଯାଏ।

ଯଦି ବିକ୍ରି ମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟ ସହ ସମାନ ହୁଏ, ତେବେ ଏ ପ୍ରକାର ବିକ୍ରିକୁ ସମମୂଲ୍ୟ ବିକ୍ରି **(selling at par)** ବୋଲି କୁହାଯାଏ। କିନ୍ତୁ ବିକ୍ରି ମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ହେଲେ, ତାକୁ ରିହାତି ମୂଲ୍ୟ ବିକ୍ରି **(selling at discount)** କୁହାଯାଏ। ସେହିପରି ବିକ୍ରିମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ହେଲେ, ତାକୁ ପ୍ରିମିୟମ୍ ବିକ୍ରି **(selling at premium)** କୁହାଯାଏ। ପ୍ରିମିୟମ୍ ବା ରିହାତି ସାଧାରଣତଃ ଶତକଡ଼ାରେ ପ୍ରକାଶ କରାଯାଇଥାଏ।

ବଜାରରୁ ଶେୟାର ଖରିଦ କଲାବେଳେ କ୍ରେତାଙ୍କୁ ବିକ୍ରି ମୂଲ୍ୟ ସହ ଦଲାଲକୁ କମିସନି ଦେବାକୁ ହୁଏ। ସେହିପରି ବିକ୍ରେତାଙ୍କୁ ଶେୟାର ବିକ୍ରି କଲାବେଳେ ଯଦିଓ ବିକ୍ରି ମୂଲ୍ୟ ପାଇଥାନ୍ତି, ତଥାପି ତାଙ୍କୁ ଦଲାଲଙ୍କୁ କମିସନି ଦେବାକୁ ମଧ୍ୟ ପଡ଼ିଥାଏ। ଶେୟାରର ବିକ୍ରି ମୂଲ୍ୟ ଉପରେ କମିସନି ହିସାବ କରାଯାଏ।

**ଅଂଶ ବିକ୍ରି କ୍ଷେତ୍ରରେ ଏକ ପ୍ରଚଳିତ ଉକ୍ତି :**

''ଶହେ ଟଙ୍କିଆ ୫% ଅଂଶ 105 ଟଙ୍କାରେ ବିକ୍ରି ହେବ।'' ଏହି ଉକ୍ତିର ଅର୍ଥ ହେଲା, 100 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ ଅଂଶ ୫% ଡିଭିଡେଣ୍ଡ ହାରରେ 105 ଟଙ୍କା (5% ପ୍ରିମିୟମ୍ ମୂଲ୍ୟ)ରେ ବିକ୍ରି ହେବ।

ସେହିପରି ''ଶହେ ଟଙ୍କିଆ ୫% ଅଂଶ ୨୦ ଟଙ୍କାରେ ବିକ୍ରି ହେବ।'' ଏହି ଉକ୍ତିରୁ ବୁଝିବାକୁ ହୁଏ ଯେ ୫% ଡିଭିଡେଣ୍ଡ ହାରରେ 100 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ ଅଂଶ ୨୦ ଟଙ୍କା (10% ରିହାତି ମୂଲ୍ୟ)ରେ ବିକ୍ରି ହେବ।

**କେତେକ ଆବଶ୍ୟକ ସୂତ୍ର :**

(i) ବିନିଯୋଗ ଅର୍ଥ ସମ୍ବନ୍ଧୀୟ ସୂତ୍ର :

ବିନିଯୋଗ ଅର୍ଥ = କିଣାଯାଇଥିବା ସମସ୍ତ ଅଂଶର ବିକ୍ରି ମୂଲ୍ୟ

$\therefore$ ବିନିଯୋଗ ଅର୍ଥ = ଅଂଶ ସଂଖ୍ୟା × ଅଂଶ ପ୍ରତି ବିକ୍ରି ମୂଲ୍ୟ

(ii) ବିକ୍ରି ମୂଲ୍ୟ ସମ୍ବନ୍ଧୀୟ ସୂତ୍ର :

(a) ପ୍ରିମିୟମ୍ ବିକ୍ରିମୂଲ୍ୟ = ନିର୍ଦ୍ଧାରିତ ମୂଲ୍ୟ + ପ୍ରିମିୟମ୍ ପରିମାଣ

$$= \text{ନିର୍ଦ୍ଧାରିତ ମୂଲ୍ୟ} + \frac{\text{ଶତକଡ଼ା ପ୍ରିମିୟମ୍‌ର ହାର}}{100} \times \text{ନିର୍ଦ୍ଧାରିତ ମୂଲ୍ୟ}$$

$$\therefore \text{ପ୍ରିମିୟମ୍ ବିକ୍ରିମୂଲ୍ୟ} = \text{ନିର୍ଦ୍ଧାରିତ ମୂଲ୍ୟ} \times \left(1 + \frac{\text{ଶତକଡ଼ା ପ୍ରିମିୟମ୍ ହାର}}{100}\right)$$

(b) ସେହିପରି

$$\therefore \text{ରିହାତି ବିକ୍ରିମୂଲ୍ୟ} = \text{ନିର୍ଦ୍ଧାରିତ ମୂଲ୍ୟ} \times \left(1 - \frac{\text{ଶତକଡ଼ା ରିହାତି ହାର}}{100}\right)$$

(iii) ଅଂଶ ପ୍ରତି ବାର୍ଷିକ ଆୟ ସମ୍ବନ୍ଧୀୟ ସୂତ୍ର :

ନିର୍ଦ୍ଧାରିତ ମୂଲ୍ୟ ଉପରେ ଓ ଡିଭିଡେଣ୍ଡ ହାରରେ ବାର୍ଷିକ ଆୟ ନିର୍ଣ୍ଣୟ କରାଯାଏ।

$$\text{ଅଂଶ ପ୍ରତି ବାର୍ଷିକ ଆୟ} = \frac{\text{ଶତକଡ଼ା ଡିଭିଡେଣ୍ଡ ହାର}}{100} \times \text{ନିର୍ଦ୍ଧାରିତ ମୂଲ୍ୟ}$$

**ଉଦାହରଣ - 4 :**

ଏକ ପ୍ରକଳ୍ପର ଶହେ ଟଙ୍କିଆ 12% ଅଂଶଗୁଡ଼ିକୁ ସମମୂଲ୍ୟରେ ବିକ୍ରି କରାଯାଉଥିଲେ ଜଣେ ବ୍ୟକ୍ତି 1600 ଟଙ୍କା ବିନିଯୋଗ କରି (i) କେତୋଟି ଅଂଶ କ୍ରୟ କରିପାରିବେ ? (ii) ତାଙ୍କର ବାର୍ଷିକ ଆୟ କେତେ ହେବ ?

**ସମାଧାନ :**

ଅଂଶ ପ୍ରତି ନିର୍ଦ୍ଧାରିତ ମୂଲ୍ୟ = 100 ଟ.

∵ ସମ ମୂଲ୍ୟ ବିକ୍ରି, ତେଣୁ ବିକ୍ରି ମୂଲ୍ୟ = 100 ଟ.

(i) ଅଂଶ ସଂଖ୍ୟା = $\dfrac{\text{ବିନିଯୋଗ ଅର୍ଥ}}{\text{ଅଂଶ ପ୍ରତି ବିକ୍ରି ମୂଲ୍ୟ}} = \dfrac{1600 \text{ ଟ.}}{100 \text{ ଟ.}} = 16$

(ii) ଅଂଶ ପ୍ରତି ବାର୍ଷିକ ଆୟ = $\dfrac{\text{ଶତକଡ଼ା ଡିଭିଡେଣ୍ଡ ହାର}}{100} \times$ ନିର୍ଦ୍ଧାରିତ ମୂଲ୍ୟ

$= \dfrac{12}{100} \times 100 \text{ ଟ.} = 12 \text{ ଟ.}$

∴ ମୋଟ ବାର୍ଷିକ ଆୟ = 12ଟ. × 16ଟି ଅଂଶ = 192 ଟଙ୍କା (ଉତ୍ତର)

**ଉଦାହରଣ - 5 :**

ଜଣେ ବ୍ୟକ୍ତି ଏକ ପ୍ରକଳ୍ପରୁ ୫0 ଟଙ୍କିଆ 10% କେତେକ ଅଂଶ 96 ଟ. ବିକ୍ରିମୂଲ୍ୟରେ କିଣି ସେଥିରୁ ମୋଟ ୫0 ଟଙ୍କା ବାର୍ଷିକ ଆୟ କଲେ । ତେବେ ସେ କେତେ ଟଙ୍କା ବିନିଯୋଗ କରିଥିଲେ ?

**ସମାଧାନ :**

ଅଂଶ ପ୍ରତି ନିର୍ଦ୍ଧାରିତ ମୂଲ୍ୟ = ୫0 ଟଙ୍କା

ଅଂଶ ପ୍ରତି ବାର୍ଷିକ ଆୟ = $\dfrac{\text{ଶତକଡ଼ା ଡିଭିଡେଣ୍ଡ ହାର}}{100} \times$ ନିର୍ଦ୍ଧାରିତ ମୂଲ୍ୟ

$= \dfrac{10}{100} \times 80 \text{ ଟ.} = 8 \text{ ଟ.}$

∴ ମୋଟ ଆୟ = ୫0 ଟଙ୍କା

ଅଂଶ ସଂଖ୍ୟା = $\dfrac{\text{ମୋଟ ଆୟ}}{\text{ଅଂଶ ପ୍ରତି ମୂଲ୍ୟ}} = \dfrac{80 \text{ ଟ.}}{8 \text{ ଟ.}} = 10$

∴ ବିନିଯୋଗ ଅର୍ଥ = ଅଂଶ ପ୍ରତି ବିକ୍ରିମୂଲ୍ୟ × ଅଂଶ ସଂଖ୍ୟା = 96 × 10 = 960 ସଂଖ୍ୟା (ଉତ୍ତର)

**ବିକଳ୍ପ ପ୍ରଣାଳୀ :** ଟ.୫ ଆୟ ବେଳେ ବିନିଯୋଗ ମୂଲ୍ୟ ଟ.96 ।

୫0 ଟଙ୍କା ଆୟ ବେଳେ = $\dfrac{96}{8} \times 80$ଟ. = 960ଟ. (ଉତ୍ତର)

**ଉଦାହରଣ - 6 :** ନିର୍ଦ୍ଧାରିତ ମୂଲ୍ୟ 200 ଟଙ୍କାରେ ହରି, 300 ଟି ଶେୟାର କ୍ରୟ କଲେ । ଯଦି ଦଲାଲ କମିଶନ 1% ହୁଏ ତେବେ ଶେୟାରଗୁଡ଼ିକୁ କିଣିବା ପାଇଁ ହରି କେତେ ଖର୍ଚ୍ଚ କଲେ ?

**ସମାଧାନ :** ପ୍ରତି ଅଂଶର ନିର୍ଦ୍ଧାରିତ ମୂଲ୍ୟ = 200 ଟ.

300ଟି ଅଂଶର ମୂଲ୍ୟ = 200ଟ. × 300 = 60000ଟ.

ଦଲାଲ୍‌ର କମିଶନି = 60,000ଟ × $\dfrac{1}{100}$ = 600 ଟ.

∴ ହରି ଖର୍ଚ୍ଚ କରିଥିବା ସମୁଦାୟ ଟଙ୍କା = 60,000 ଟ. + 600 ଟ. = 60,600ଟ. (ଉତ୍ତର)

**ଉଦାହରଣ - 7 :** ଶହେ ଟଙ୍କିଆ 4% ଡିବେଞ୍ଚରର ବିକ୍ରୀ ମୂଲ୍ୟ ୫0 ଟଙ୍କା ହେଲେ ଶତକଡ଼ା ଆୟ କେତେ ?

**ସମାଧାନ :** ୫0 ଟଙ୍କା ଦେଇ ଶହେ ଟଙ୍କିଆ 4% ଡିବେଞ୍ଚର କିଣି ହୁଏ।

ତେବେ 100 ଟଙ୍କା ଦେଲେ, ଶତକଡ଼ା ଆୟ ହେବ $= \frac{4 \times 100}{80} = 5$ ଟଙ୍କା

ତେଣୁ ଆୟ ହେବ 5%। (ଉତ୍ତର)

**ଉଦାହରଣ - 8 :**

ଜଣେ ବ୍ୟକ୍ତି 400 ଟଙ୍କା ବିନିଯୋଗ କରି କୌଣସି ପ୍ରକଳ୍ପରୁ କିଛି କୋଡ଼ିଏ ଟଙ୍କିଆ ୫% ଅଂଶ କିଣି ବାର୍ଷିକ ଟ.25.60 ଆୟ କଲେ। ତେବେ (i) ସେ କେତୋଟି ଅଂଶ କିଣିଥିଲେ ? (ii) ଅଂଶଗୁଡ଼ିକୁ ଶତକଡ଼ା କେତେ ପ୍ରିମିୟମ୍‌ରେ ବିକ୍ରି କରାଯାଇଥିଲା ?

**ସମାଧାନ :**

ଅଂଶ ପ୍ରତି ବାର୍ଷିକ ଆୟ $= \frac{\text{ଶତକଡ଼ା ଡିଭିଡେଣ୍ଡ ହାର}}{100} \times$ ନିର୍ଦ୍ଧାରିତ ମୂଲ୍ୟ

$= \frac{8}{100} \times 20$ ଟ. $= 1.60$ଟ.

$\therefore$ ଅଂଶ ସଂଖ୍ୟା $= \frac{\text{ମୋଟ ଆୟ}}{\text{ଅଂଶ ପ୍ରତି ମୂଲ୍ୟ}} = \frac{25.60}{1.60} = 16$

ଅଂଶ ପ୍ରତି ବିକ୍ରି ମୂଲ୍ୟ $= \frac{400}{16} = 25$ଟ.

$\therefore$ ଶତକଡ଼ା ପ୍ରିମିୟମ୍ $= \frac{\text{ବିକ୍ରି ମୂଲ୍ୟ} - \text{ନିର୍ଦ୍ଧାରିତ ମୂଲ୍ୟ}}{\text{ନିର୍ଦ୍ଧାରିତ ମୂଲ୍ୟ}} \times 100$

$= \frac{25 - 20}{20} \times 100 = 25\%$ (ଉତ୍ତର)

**ଉଦାହରଣ - 9 :** ଯଦି ଦଲାଲ୍‌ର କମିଶନ $\frac{3}{2}\%$ ହୁଏ ଏବଂ ପ୍ରତି ତମସୁକ (debenture)କୁ 120 ଟଙ୍କାରେ ବିକ୍ରି କରାଯାଏ, ତେବେ 6000 ଟଙ୍କାର ଶହେ ଟଙ୍କିଆ 20% ତମସୁକରୁ କେତେ ଟଙ୍କା ମିଳିବ ?

**ସମାଧାନ :** ଶହେ ଟଙ୍କିଆ ତମସୁକର ବିକ୍ରି ମୂଲ୍ୟ = 120ଟ.

ତେବେ 6000 ଟଙ୍କା ତମସୁକର ବିକ୍ରି ମୂଲ୍ୟ $= \frac{6000}{100} \times 120$ଟ. $= 7200$ଟ.

ଦଲାଲ୍ କମିଶନ $\frac{3}{2}\%$ ହେଲେ

ସମୁଦାୟ କମିଶନ ଟଙ୍କା $= \frac{3}{2} \times \frac{7200}{100} = 108$ ଟ.

ତେବେ ମୋଟ ଆୟ = ବିକ୍ରି ମୂଲ୍ୟ − ଦଲାଲ କମିଶନ = 7200ଟ. − 108ଟ.= 7092ଟ. (ଉତ୍ତର)

**ଉଦାହରଣ - 10 :** କେଉଁ ବିନିଯୋଗଟି ଅଧିକ ଲାଭଦାୟକ ? 8% ପ୍ରିମିୟମ୍‌ରେ 15% ଡିବେଞ୍ଚର ନା 4% ରିହାତିରେ 14% ଡିବେଞ୍ଚର ?

**ସମାଧାନ :** ପ୍ରଥମ ବିନିଯୋଗରେ ଅଂଶ ପ୍ରତି ଆୟ = $\frac{15}{100} \times 100 = 15$

ଅଂଶ ପ୍ରତି ବିନିଯୋଗ ଅର୍ଥ ଉପରେ ଶତକଡ଼ା ଆୟ

$$= \frac{\text{ଅଂଶ ପ୍ରତି ଆୟ}}{\text{ଅଂଶ ପ୍ରତି ବିନିଯୋଗ}} \times 100 = \frac{15}{108} \times 100 = \frac{1500}{108} = \frac{125}{9} = 13.9\%$$

ସେହିପରି ଦ୍ୱିତୀୟ ବିନିଯୋଗରେ ଅଂଶ ପ୍ରତି ଆୟ = $\frac{14}{100} \times 100 = 14$ଟ.

ଅଂଶ ପ୍ରତି ବିନିଯୋଗ ଅର୍ଥ ଉପରେ ଶତକଡ଼ା ଆୟ

$$= \frac{\text{ଅଂଶ ପ୍ରତି ଆୟ}}{\text{ଅଂଶ ପ୍ରତି ବିନିଯୋଗ}} \times 100 = \frac{14}{96} \times 100 = \frac{175}{12} = 14.58\%$$

∴ ଦ୍ୱିତୀୟ ବିନିଯୋଗଟି ଅଧିକ ଲାଭଦାୟକ। (ଉତ୍ତର)

## ଅନୁଶୀଳନୀ - 6(b)

1. ଏକ କମ୍ପାନୀ 20% ପ୍ରିମିୟମରେ ବଜାରକୁ ଶେୟାର ଛାଡ଼ିଲେ। ରବି ସେଥିରୁ 50ଟି ଅଂଶ କିଣିଲା। ଯଦି ପ୍ରତି ଅଂଶର ନିର୍ଦ୍ଧାରିତ ମୂଲ୍ୟ 50ଟଙ୍କା ହୋଇଥାଏ, ତେବେ ରବି କେତେ ଟଙ୍କା ବିନିଯୋଗ କଲା ?
2. ମୋହନ 10 ଟଙ୍କିଆ 16%, 600ଟି ଅଂଶ କିଣିଲେ, ବାର୍ଷିକ ଆୟ କେତେ ହେବ ?
3. ଯଦି ଦଲାଲଙ୍କ କମିଶନ 1% ହୁଏ, ତେବେ 12625 ଟଙ୍କା ବିନିଯୋଗ କରି 12.50 ଟଙ୍କିଆ କେତୋଟି ଅଂଶ କିଣିହେବ ?
4. ଶହେ ଟଙ୍କିଆ 15% ଡିବେଞ୍ଚର (ତମସୁକ)ର ବିକ୍ରି ମୂଲ୍ୟ 80 ଟଙ୍କା ହେଲେ, ବାର୍ଷିକ ଆୟ ଶତକଡ଼ାରେ ନିର୍ଣ୍ଣୟ କର।
5. ଏକ ପ୍ରକଳ୍ପ ତାଙ୍କ 50 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ ଅଂଶକୁ 10% ଡିଭିଡେଣ୍ଡ ସହ 4% ରିହାତି ମୂଲ୍ୟରେ ବିକ୍ରି କରିବା ଲାଗି ବିଜ୍ଞାପନ ଦେଇଛି। ତେବେ 960 ଟଙ୍କା ବିନିଯୋଗ କରି କେତୋଟି ଅଂଶ କିଣି ହେବ ଓ ବାର୍ଷିକ ଆୟ କେତେ ମିଳିବ ?
6. ଜଣେ ବ୍ୟକ୍ତି କୌଣସି ଏକ ପ୍ରକଳ୍ପରୁ ଶହେ ଟଙ୍କିଆ 8% ଅଂଶକୁ 110 ଟଙ୍କା ଦରରେ 15ଟି ଅଂଶ କିଣିଲେ। ତେବେ
   (i) ତାଙ୍କୁ କେତେ ବିନିଯୋଗ କରିବାକୁ ପଡ଼ିବ ?
   (ii) ବର୍ଷକ ପରେ ତାଙ୍କର ମୋଟ ଆୟ କେତେ ହେବ ?

7. ଜଣେ ବ୍ୟକ୍ତି ଏକ ପ୍ରକଳ୍ପରୁ 12% ଡିଭିଡେଣ୍ଡ ବିଶିଷ୍ଟ ଅଂଶକୁ 53 ଟଙ୍କା ଦରରେ କିଣିଲେ। ସେ ଯଦି ଅଂଶ କିଣିବାରେ 1060 ଟଙ୍କା ବିନିଯୋଗ କରି 120 ଟଙ୍କା ବାର୍ଷିକ ଆୟ କରନ୍ତି, ତେବେ

(i) ଅଂଶ ପ୍ରତି ନିର୍ଦ୍ଧାରିତ ମୂଲ୍ୟ କେତେ ?

(ii) ଶତକଡ଼ା କେତେ ପ୍ରିମିୟମ୍‌ରେ ଉକ୍ତ ପ୍ରକଳ୍ପ ଅଂଶଗୁଡ଼ିକୁ ବିକ୍ରୟ କରିଥିଲେ ?

8. ୪% ରିହାତିରେ ଶହେ ଟଙ୍କିଆ 12% ଅଂଶ ଓ ୪% ପ୍ରିମିୟମରେ ଶହେ ଟଙ୍କିଆ 14% ଅଂଶ ମଧ୍ୟରୁ କେଉଁଟି ଅଧିକ ଲାଭଜନକ ?

9. ଶହେ ଟଙ୍କିଆ 25% ଡିଭିଡେଣ୍ଡ ଅଂଶର ବିକ୍ରି ମୂଲ୍ୟ ୪୨୨ ଟଙ୍କା ହେଲେ, ଦଲାଲ କମିଶନି 1% ହୋଇଥିଲେ 500 ଟି ଅଂଶ କିଣିବାକୁ କେତେ ଟଙ୍କା ବିନିଯୋଗ କରିବାକୁ ପଡ଼ିବ ? ବାର୍ଷିକ ଆୟକୁ ଶତକଡ଼ାରେ ପ୍ରକାଶ କର।

10 ଶହେ ଟଙ୍କିଆ $12\frac{1}{2}$% ଡିବେଞ୍ଚରର ବିକ୍ରିମୂଲ୍ୟ ୪5 ଟଙ୍କା ଏବଂ ଦଲାଲ କମିଶନି $\frac{3}{2}$%। ବାର୍ଷିକ ଆୟ 4000 ଟଙ୍କା ପାଇଁ କେତେ ଟଙ୍କା ବିନିଯୋଗ କରିବାକୁ ପଡ଼ିବ, ନିର୍ଣ୍ଣୟ କର।

●●●